# NATIONAL NEWS BULLETIN (ODIA)
## 27 July - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମନ୍ କି ବାତ୍ କାର୍ଯ୍ୟକ୍ରମରେ କରିବେ ଭାବବିନିମୟ ।
- ୨୦୪୭ ବିକଶିତ ଭାରତ ପ୍ରତ୍ୟେକ ଭାରତୀୟଙ୍କ ସ୍ୱପ୍ନ, କହିଲେ ପ୍ରଧାନମନ୍ତ୍ରୀ ।
- ବିଶ୍ୱ ଐତିହ୍ୟ ସୂଚୀ ତାଲିକାରେ ସାମିଲ ହେଲା ୭ଟି ନୂତନ ଚିହ୍ନିତ ସ୍ଥାନ ।
- ପାଲେଷ୍ଟାଇନ୍‌ର ଏକ ବିଦ୍ୟାଳୟ ଉପରେ ଇସ୍ରାଏଲ୍ ବିମାନ ବାହିନୀର ଆକ୍ରମଣ ଦ୍ୱାରା ୩୦ ଜଣଙ୍କର ମୃତ୍ୟୁ ।

ଏବଂ

- ଭାରତ-ଶ୍ରୀଲଙ୍କା ଟି-ଟ୍ୱେଣ୍ଟି ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ପାଲ୍‌କେଲ୍ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଜାରି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଲୋକଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୧୨ତମ ସଂସ୍କରଣ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର୍ ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।

## ପିଏମ୍-କାଉନ୍‌ସିଲ୍ ମେଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ୨୦୪୭ ବିକଶିତ ଭାରତ ପ୍ରତ୍ୟେକ ଭାରତୀୟଙ୍କ ସ୍ୱପ୍ନ । ନିତିଆୟୋଗର ନବମ ପରିଚାଳନା ପରିଷଦ ବୈଠକକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ସମସ୍ତ ରାଜ୍ୟମାନଙ୍କର ପ୍ରମୁଖ ଭୂମିକା ରହିଛି । ସେ କହିଛନ୍ତି, ଏହି ଦଶନ୍ଧି ହେଉଛି – ପ୍ରଯୁକ୍ତି ବିଦ୍ୟା, ଭୌଗଳିକ ରାଜନୈତିକ

ଏବଂ ବିଭିନ୍ନ ସୁଯୋଗର ପରିବର୍ତ୍ତିତ ଦଶନ୍ଧି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ସୁଯୋଗକୁ ଭାରତ ହାତଛଡ଼ା କରିବା ଉଚିତ୍ ନୁହେଁ ଏବଂ ଆନ୍ତର୍ଜାତିକ ପୁଞ୍ଜିନିବେଶ ପାଇଁ ସକାରାତ୍ମକ ନୀତି ପ୍ରଣୟନ କରିବା ଉଚିତ୍ । ସେ କହିଛନ୍ତି, ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଏହା ପ୍ରଥମ ପଦକ୍ଷେପ । ଦେଶ ବର୍ତ୍ତମାନ ଏକ ସଠିକ୍ ଦିଗରେ ଅଗ୍ରସର ହେଉଛି । ଯାହା ବିଗତ ୧୦୦ ବର୍ଷ ଭିତରେ ଏକ ବଡ଼ ମହାମାରୀକୁ ପରାସ୍ତ କରିପାରିଛି । ସେ କହିଛନ୍ତି, ଆମ ଦେଶର ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଏବଂ ବିଶ୍ୱାସ ଭରି ରହିଛି । ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟ ଗୁଡ଼ିକର ଉଦ୍ୟମ ଫଳରେ ୨୦୪୭ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିହେବ । ବିକଶିତ ରାଜ୍ୟ ହିଁ ବିକଶିତ ଭାରତ ଗଠନ କରିପାରିବ । ସେ କହିଛନ୍ତି, ଯୁବଶକ୍ତିରେ ପରିପୂର୍ଣ୍ଣ ଭାରତ ସମଗ୍ର ବିଶ୍ୱକୁ ଶ୍ରମଶକ୍ତି ବଳରେ ଆକର୍ଷିତ କରିପାରିଛି । ସେ କହିଛନ୍ତି, ଦେଶର ଯୁବାମାନଙ୍କୁ ଦକ୍ଷ ଏବଂ ରୋଜଗାର କ୍ଷମ କରିବା ସରକାରଙ୍କର ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ କହିଛନ୍ତି, ଦକ୍ଷତା, ଗବେଷଣା, ଉଦ୍ଭାବନ ଏବଂ କାର୍ଯ୍ୟ ଅନୁସାରେ ଜ୍ଞାନର ଆବଶ୍ୟକତା ହିଁ ୨୦୪୭ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ।

ନୂଆଦିଲ୍ଲୀ ସ୍ଥିତି ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ର ଠାରେ ନିତିଆୟୋଗର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ ଏବଂ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ତଥା ଉପାଧ୍ୟକ୍ଷ ସୁମନ ବେଲ୍ ଏବଂ ନିତିଆୟୋଗର ସଭ୍ୟମାନେ ଏହି ବୈଠକରେ ଯୋଗଦେଇଥିଲେ । ଚଳିତ ବୈଠକର ଶୀର୍ଷକ ରହିଛି 'ବିକଶିତ ଭାରତ ୨୦୪୭' । ଏହି ବୈଠକରେ ବିକଶିତ ଭାରତ ୨୦୪୭ ଉପରେ ଏକ ଦୂରଦୃଷ୍ଟି ସମ୍ପନ୍ନ ଦସ୍ତାବିଜ୍ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଦେଶର ବିଭିନ୍ନ ରାଜ୍ୟରେ ଥିବା ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଲୋକମାନଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଏହି ବୈଠକରେ ଆଲୋଚନା ହୋଇଥିଲା । ବିକଶିତ ଭାରତ ୨୦୪୭ ଗଠନରେ ରାଜ୍ୟଗୁଡ଼ିକର ଭୂମିକା କିଭଳି ରହିବ ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଦେଶର ଜି.ଡି.ପି. ୫ ଟ୍ରିଲିୟନ୍ ଆମେରିକୀୟ ଡଲାର୍ ଅତିକ୍ରମ କରିଥିବା ବେଳେ ୨୦୪୭ ସୁଦ୍ଧା ୩୦ ଟ୍ରିଲିୟନ୍ ଆମେରିକୀୟ ଅର୍ଥ ବ୍ୟବସ୍ଥାରେ ପହଞ୍ଚିବାର ବୈଠକରେ ରଣନୀତି ତିଆରି ହୋଇଛି ।

ଗତ ଡିସେମ୍ବରରେ ଅନୁଷ୍ଠିତ ହୋଇଥିବା ମୁଖ୍ୟ ଶାସନ ସଚିବମାନଙ୍କର ତୃତୀୟ ଜାତୀୟ ସମ୍ମିଳନୀରେ ସୁପାରିଶ କରାଯାଇଥିବା ବିଭିନ୍ନ ଯୋଜନା ଗୁଡ଼ିକ ଉପରେ ଏହି ବୈଠକରେ ଆଲୋଚନା ହୋଇଥିଲା ।

## ବିଜେପି-ସିଏମ୍ ମିଟିଂ

ବିଜେପି ଶାସିତ ରାଜ୍ୟ ଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ ବୈଠକ ନୂଆଦିଲ୍ଲୀ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଛନ୍ତି । ଲୋକସଭା ନିର୍ବାଚନର ଫଳାଫଳ ଏବଂ ସାଧାରଣ ବଜେଟ୍ ଉପରେ ଏହି ବୈଠକରେ ଆଲୋଚନା ହେଉଛି । ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟାନ୍ୱୟନ ନେଇ ଏହି ବୈଠକରେ ଆଲୋଚନା ହେଉଛି ।

## ଜଷ୍ଟିସ୍ ସୂରୟକାନ୍ତ

ସୁପ୍ରିମ୍‌କୋର୍ଟ୍ ଲୋକ ଅଦାଲତର ସୁଯୋଗ ହାସଲ କରିବାକୁ ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ସୂରୟକାନ୍ତ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି । ସୁପ୍ରିମ୍‌କୋର୍ଟରେ ବିଚାରାଧିନ ଥିବା ମାମଲା ଗୁଡ଼ିକର ଆପୋଷ ଫଇସଲା ଲକ୍ଷ୍ୟରେ ଆସନ୍ତା ସୋମବାର ଠାରୁ ତିନି ତାରିଖ ପର୍ଯ୍ୟନ୍ତ ଲୋକ ଅଦାଲତ ଅନୁଷ୍ଠିତ ହେବ । ଆକାଶବାଣୀକୁ ସାକ୍ଷାତକାର ଦେଇ ଜଷ୍ଟିସ୍ ସୂରୟକାନ୍ତ କହିଛନ୍ତି, ଲୋକଅଦାଲତରେ ସମାଧାନ

ହେବାକୁ ଥିବା ମାମଲା ଗୁଡ଼ିକ ମଧ୍ୟରେ ଜମିବାଡ଼ି, ମୋଟର ଦୁର୍ଘଟଣା, ପାରିବାରିକ ଏବଂ ଶ୍ରମଭିତ୍ତିକ ମାମଲା ଅନ୍ତର୍ଭୁକ୍ତ । ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହି ଲୋକଅଦାଲତ ଅନୁଷ୍ଠିତ ହେବ ବୋଲି ଜଷ୍ଟିସ୍ ସୂରୟକାନ୍ତ କହିଛନ୍ତି ।

## ୟୁନେସ୍କୋ-ହେରିଟେଜ୍

ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ୪୬ତମ ବିଶ୍ୱ ଐତିହ୍ୟ କମିଟି ଅଧିବେଶନରେ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳୀ ତାଲିକାରେ ନୂତନ ୭ଟି ଚିହ୍ନିତ ସ୍ଥାନକୁ ସାମିଲ କରାଯାଇଛି । ଜାପାନ୍‌ର ସାଡୋ ଆଇଲାଣ୍ଡ ଗୋଲ୍ଡ ମାଇନ୍ସ, ଚୀନ୍‌ର ବେଜିଂ ସେଣ୍ଟ୍ରାଲ୍ ଏକ୍ସିସ୍, ଥାଇଲାଣ୍ଡର ଫୁ ଫରରବତ୍ ହିଷ୍ଟୋରି ପାର୍କ, ରୁଷିଆର କେନୋଜିରୋ ଲେଖ୍ ଲ୍ୟାଣ୍ଡସ୍କେପ୍, କେନିଆର ଐତିହାସିକ ସହର ଏବଂ ଗେଦିର ପ୍ରତ୍ନତତ୍ତ୍ୱ ସ୍ଥଳୀ, ଦକ୍ଷିଣ ଆଫ୍ରିକାର ନେଲସନ୍ ମଣ୍ଡେଲା ଲିଗାସି ସାଇଟସ୍ ଫର୍ ହ୍ୟୁମାନ୍ ରାଇଟସ୍ ଏବଂ ମାଲେସିଆର ନିହା ନ୍ୟାସନାଲ୍ ପାର୍କ କେଭସ୍ କମ୍ପ୍ଲେକ୍ସ ଏହି ନୂତନ ବିଶ୍ୱ ଐତିହ୍ୟ ସ୍ଥଳୀ ତାଲିକାରେ ସ୍ଥାନିତ ହୋଇଛି । ସାଂସ୍କୃତିକ ବର୍ଗରେ ଏହି ସ୍ଥଳୀ ଗୁଡ଼ିକୁ ସ୍ଥାନ ଦିଆଯାଇଛି ।

# ମୁମ୍ବାଇ-ବିଲ୍ଡିଂ କୋଲାପ୍ସ

ମହାରାଷ୍ଟ୍ରର ନଭି ମୁମ୍ବାଇ ଠାରେ ଆଜି ପ୍ରତ୍ୟୁଷରୁ ଏକ ଅଟ୍ଟାଳିକା ଭୁଶୁଡ଼ି ପଡ଼ିବାରୁ ତିନି ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି । ନଭି ମୁମ୍ବାଇ ମୁନିସ୍‌ପାଲ୍ କମିଶନର୍ କୈଳାଶ ସିନ୍ଧେ କହିଛନ୍ତି,  ଘଟଣା ସ୍ଥଳରେ ଏନ୍.ଡି.ଆର୍.ଏଫ୍., ସ୍ଥାନୀୟ ପୁଲିସ୍ ଏବଂ ଜନସାଧାରଣମାନେ ମିଳିତ ଭାବରେ ଉଦ୍ଧାର କାର୍ଯ୍ୟ କରୁଛନ୍ତି । ଏହି ଉଦ୍ଧାର କାର୍ଯ୍ୟରେ ୧୩ ଜଣ ଶିଶୁଙ୍କ ସମେତ ୫୨ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଅଟ୍ଟାଳିକା ତଳେ ଚାପି ରହିଥିବା ଦୁଇ ଜଣ ଲୋକଙ୍କୁ ମଧ୍ୟ ଉଦ୍ଧାର କରି ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି । କେଉଁ ପରିସ୍ଥିତିରେ ଏହି ଅଟ୍ଟାଳିକା ଭୁଶୁଡ଼ିଲା ତାହାର ତଦନ୍ତ ହେବ ବୋଲି କମିଶନର୍ କହିଛନ୍ତି । ତେବେ ବର୍ତ୍ତମାନ କିଛି ଦିନ ହେବ ମୁମ୍ବାଇ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଛି । ଯାହାଫଳରେ ସମଗ୍ର ମୁମ୍ବାଇ ଅଞ୍ଚଳ ଜଳମଗ୍ନ ଅବସ୍ଥାରେ ଥିବା ବେଳେ ଟ୍ରାଫିକ୍ ପରିଚାଳନା ଏବଂ ପରିବହନରେ ବାଧାସୃଷ୍ଟି ହୋଇଛି ।

## ଇସ୍ରାଏଲ୍-ଆଟାକ୍

ପାଲେଷ୍ଟାଇନ୍‌ର କେନ୍ଦ୍ରୀୟ ଗାଜା ସ୍ଥିତ ଏକ ବିଦ୍ୟାଳୟକୁ ଇସ୍ରାଏଲ୍ ବିମାନ ବାହିନୀର ଆକ୍ରମଣ ଫଳରେ ୩୦ ଜଣଙ୍କର ମୃତ୍ୟୁ ହୋଇଛି । ୧୦୦ରୁ ଅଧିକ ଆହତ ହୋଇଛନ୍ତି । ସେହି ବିଦ୍ୟାଳୟରେ ଯୁଦ୍ଧ ଦ୍ୱାରା ଆହତ ଏବଂ ବିସ୍ଥାପିତ ଲୋକଙ୍କୁ ଆଶ୍ରୟ ଦିଆଯାଇଥିଲା । ଇସ୍ରାଏଲ୍ ସେନା ପକ୍ଷରୁ କୁହାଯାଇଛି, ସେଠାରେ ହମାସ୍ ଆତଙ୍କବାଦୀ ରହିଥିବା ସୂଚନା ଆଧାରରେ ଏହି ଆକ୍ରମଣ କରାଯାଇଛି । ଇସ୍ରାଏଲ୍ ସେନା ବିରୁଦ୍ଧରେ ସେହି ବିଦ୍ୟାଳୟରେ ଆତଙ୍କବାଦୀ ମୋର୍ଟାର ଏବଂ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ଦ୍ୱାରା ଆକ୍ରମଣ କରୁଥିଲେ । ଇସ୍ରାଏଲ୍ ସେନା ପକ୍ଷରୁ ଆକ୍ରମଣ ପୂର୍ବରୁ ସାଧାରଣ ଜନତାଙ୍କୁ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ସତର୍କ ସୂଚନା ଜାରି କରାଯାଇଥିଲା ବୋଲି ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି । ପୂର୍ବରୁ ପାଲେଷ୍ଟାଇନ୍ ସରକାରୀ ଗଣମାଧ୍ୟମ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଏହି ଆକ୍ରମଣରେ ୧୪ ଜଣ ପାଲେଷ୍ଟିନିୟଙ୍କର ମୃତ୍ୟୁ ହୋଇଥିଲା ।

## ମଛଲ ଏକ୍ସଚେଞ୍ଜ ଫାୟାର୍

ଉତ୍ତର କାଶ୍ମୀରର କୁପୱାରା ଜିଲ୍ଲା ଅନ୍ତର୍ଗତ ମଛଲ ସେକ୍ଟର ଅଞ୍ଚଳରେ ଖରାପ ପାଣିପାଗର ସୁଯୋଗ ନେଇ ପାକିସ୍ତାନ ପଟୁ ୨ରୁ ୩

ଜଣ ଆତଙ୍କବାଦୀ ସୀମା ଅତିକ୍ରମ କରି ଭାରତରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ । ସେମାନଙ୍କ ପକ୍ଷରୁ ସୀମା ସୁରକ୍ଷା ପୋଷ୍ଟ ଉପରକୁ ଗୁଳିମାଡ଼ କରାଯାଇଥିଲା । ପାଲଟା ଗୁଳିମାଡ଼ରେ ଜଣେ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କର ମୃତ୍ୟୁ ହୋଇଛି । ଏହି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ମଧ୍ୟ କରାଯାଇଛି । ଏହି ଗୁଳିଗୋଳା ବିନିମୟରେ ଗୁରୁତର ଆହତ ହୋଇଥିବା ଦୁଇ ଜଣ ସୈନିକଙ୍କୁ ଶ୍ରୀନଗର ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେମାନଙ୍କର ମଧ୍ୟରୁ ଜଣେ ସହିଦ୍ ହୋଇଛନ୍ତି । ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ  ଖରାପ ପାଗର ସୁଯୋଗ ନେଇ ପାକିସ୍ତାନ ପଟୁ ଅନୁପ୍ରବେଶକୁ ପ୍ରୋତ୍ସାହିତ କରାଯାଉଛି ।

## ପାରିଶ୍ ଅଲିମ୍ପିକ୍

ପ୍ୟାରିଶ ଅଲିମ୍ପିକ୍ସର ମହିଳା ୧୦ ମିଟର ଏୟାର୍ ପିସ୍ତଲ ପ୍ରତିଯୋଗିତାରେ ଭାରତର ମନୁ ଭାକର୍ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ପ୍ରାରମ୍ଭିକ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିବା ସହ ୫୮୦ ପଏଣ୍ଟ ହାସଲ କରି ସେ ଏହି ସଫଳତା ପାଇଛନ୍ତି । ତେବେ ଭାକର୍‌ଙ୍କ ସହଯୋଗୀ ରିଦ୍ଧମ୍ ସାଙ୍ଗ୍ୱାନ୍ ଏହି ପର୍ଯ୍ୟାୟରେ ୧୫ତମ ସ୍ଥାନରେ ରହି ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି ।

# କ୍ରିକେଟ୍

ଶ୍ରୀଲଙ୍କାର ପାଲ୍‌କେଲ୍ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତ-ଶ୍ରୀଲଙ୍କା ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ଶ୍ରୀଲଙ୍କା ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୩ ଓଭରରେ୍ କୌଣସି ୱିକେଟ୍ ନ ହରାଇ ୩୬ ରନ୍ ସଂଗ୍ରହ କରିଛି । ଭାରତୀୟ ଦଳ ନୂତନ ଟି-ଟ୍ୱେଣ୍ଟି ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଏବଂ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଏହି ଶୃଙ୍ଖଳା ଖେଳୁଛି । ଅନ୍ୟ ପକ୍ଷରେ ଶ୍ରୀଲଙ୍କା ଚାରିଥ ଆଶାଲଙ୍କାଙ୍କ ଅଧିନାୟକତ୍ୱରେ ଏବଂ ସନତ ଜୟସୂର୍ୟାଙ୍କ ପ୍ରଶିକ୍ଷଣରେ ଭାରତକୁ ମୁକାବିଲା କରୁଛି । ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୪ ଟାଇଟଲ ହାସଲ କରିବା ପରେ ଶୁଭମନ୍ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଜିମ୍ବାୱେ ବିପକ୍ଷ ଟି-ଟ୍ୱେଣ୍ଟି ଶୃଙ୍ଖଳାକୁ ୪-୧ରେ ଜିତି ନିଜ ମନବଳକୁ ଦୃଢ଼ ରଖିଛି ।

ଅନ୍ୟ ପକ୍ଷରେ ମହିଳା ଟି-ଟ୍ୱେଣ୍ଟି ଏସିଆ କପ୍ ଫାଇନାଲ୍‌ରେ ଆସନ୍ତାକାଲି ଶ୍ରୀଲଙ୍କା ଦାମ୍ବୁଲା ଠାରେ ଭାରତ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବେ ।